Chapter- 6

# ଜଣାଣ

STUDY NOTES

## MIND MAP



ଈଶ୍ୱର ତିନିଭୁବନର କରତା । ସେ ଆମର ପିତାମାତା, ବନ୍ଧୁ, ସଖା ଏବଂ ସୋଦର ଅଟନ୍ତି, ଏଇ ପୃଥିବୀକୁ କେଡ଼େ ସୁନ୍ଦର କରି ସେ ତିଆରି କରିଛନ୍ତି । ଲୋକମାନଙ୍କ ହିତପାଇଁ ଋତୁ ତିଆରି କରିଛନ୍ତି । ତାଙ୍କ ମହିମା କିଏ ବା ବୁଝିବ । ତାଙ୍କ ହାତଗଢ଼ା ସୁନା ସଂସାରରେ ଦାନର ସୀମା ନାହିଁ । ଫୁଲରେ ସୁଗନ୍ଧ, ଚନ୍ଦନରେ ବାସ୍ନା ଦେଇଛନ୍ତି । ହେ ବିଶ୍ୱସମ୍ରାଟ ଥରଟିଏ ଏ ମର୍ତ୍ତ୍ୟକୁ ଆସ । ସବୁରି ପ୍ରାଣରେ ସ୍ନେହମମତାର ଧାର ଛୁଟାଇଛନ୍ତି । ଈଶ୍ୱର ଅନ୍ତର୍ଯ୍ୟାମୀ ସମସ୍ତଙ୍କ ଅନ୍ତର ଭିତରେ ରହିଛନ୍ତି । ଜନମ ସାଙ୍ଗରେ ମରଣ ଦେଇଛନ୍ତି । ପୁଣ୍ୟ ସଙ୍ଗରେ ପାପ ଦେଇଛନ୍ତି । ବୁଝି ବିଚାରି କାମ ନ କରିଲେ ସେ ଅଭିଶାପ ହେଇଥାନ୍ତି । ହେ ମଙ୍ଗଳମୟ କରୁଣା ସାଗର ମୋର ପ୍ରଣିପାତ ଗ୍ରହଣ କର । ଭଲ କାମ ପାଇଁ ଓ ପର ସେବା ପାଇଁ ପଥ ଦେଖାଇ ଦିଅ ।

ODM EDUCATIONAL GROUP
Changing your Tomorrow